| | |
|---|---|
| | भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** |

**Press Release**

## ଷ୍ଟାନଫୋର୍ଡ-ଏଲ୍ସେଭିଅର ର୍‍ୟାଙ୍କିଙ୍ଗରେ ବିଶ୍ୱର ଶ୍ରେଷ୍ଠ ୨ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଆଇଆଇଟି ଭୁବନେଶ୍ୱରର ଅଧ୍ୟାପକ

**ଭୁବନେଶ୍ୱର, ୨୫ ସେପ୍ଟେମ୍ବର ୨୦୨୪:** ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ଏକ ସଫଳତାରେ, ଡଚ୍ ଏକାଡେମିକ୍ ପ୍ରକାଶନ କମ୍ପାନୀ  ଏଲ୍ସେଭିଅର ସହଯୋଗରେ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ସମ୍ମାନଜନକ ମାନ୍ୟତା ଅନୁଯାୟୀ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ୬ ଜଣ ଅଧ୍ୟାପକ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ମାନ୍ୟତା ପାଇଛନ୍ତି।

ଏହି ବାର୍ଷିକ ର୍‍ୟାଙ୍କିଙ୍ଗ୍ ବିଶ୍ୱର ଏକାଡେମିକ୍ ସମ୍ପ୍ରଦାୟରେ ବହୁ ସମ୍ମାନିତ, ସେମାନଙ୍କର ଅନୁସନ୍ଧାନ କାର୍ଯ୍ୟର ପ୍ରଭାବ, ଉଦ୍ଧୃତ ସୂଚକାଙ୍କ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଏକାଡେମିକ୍ ପାରାମିଟର ଉପରେ ଆଧାର କରି ବୈଜ୍ଞାନିକମାନଙ୍କୁ ମାନ୍ୟତା ପ୍ରଦାନ କରେ । ଆଇଆଇଟି ଭୁବନେଶ୍ୱରରୁ ଅଧ୍ୟାପକଙ୍କ ଏହି ସୂଚୀରେ ଅନ୍ତର୍ଭୁକ୍ତ ହେବା କେବଳ ଅନୁସନ୍ଧାନ ଏବଂ ନବସୃଜନ କ୍ଷେତ୍ରରେ ପ୍ରତିଷ୍ଠାନର ଉତ୍କର୍ଷତାକୁ ଆଲୋକିତ କରୁନାହିଁ ବରଂ ବିଶ୍ୱ ପ୍ଲାଟଫର୍ମରେ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା ଯୋଗଦାନକୁ ମଧ୍ୟ ଦର୍ଶାଉଛି।

*୨୦୨୪ ବର୍ଷ ପାଇଁ ଆଇଆଇଟି ଭୁବନେଶ୍ୱରର ଏହି ମାନ୍ୟତାପ୍ରାପ୍ତ ଅଧ୍ୟାପକମାନଙ୍କ ସୂଚୀ:*

୧. ପ୍ରଫେସର ଶୁଭ୍ରାଂଶୁ ରଂଜନ ସାମନ୍ତରାୟ, ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ ଏବଂ କମ୍ପ୍ୟୁଟର ସାଇନ୍ସେସ

୨. ପ୍ରଫେସର ରାଜନ ଝା, ସ୍କୁଲ୍ ଅଫ୍ ବେସିକ୍ ସାଇନ୍ସେସ

୩. ପ୍ରଫେସର ପି. ଦିନାକର, ସ୍କୁଲ୍ ଅଫ୍ ଇନ୍ଫ୍ରାଷ୍ଟ୍ରକ୍ଚର

୪. ପ୍ରଫେସର ମାନସ ମୋହନ ମହାପାତ୍ର, ସ୍କୁଲ୍ ଅଫ୍ ମେକାନିକାଲ୍ ସାଇନ୍ସେସ

୫. ଡକ୍ଟର ପଟ୍ଟାଭୀ ରାମାୟା ବୁଡାରାପୁ, ସ୍କୁଲ୍ ଅଫ୍ ମେକାନିକାଲ୍ ସାଇନ୍ସେସ

୬. ବରତରାମ ରାମକୁମାର, ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ ଏବଂ କମ୍ପ୍ୟୁଟର ସାଇନ୍ସେସ

ଏହି ଅଧ୍ୟାପକମାନେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଗବେଷଣା ଅବଦାନ ଏବଂ ଉଚ୍ଚ-ପ୍ରଭାବ ପ୍ରକାଶନ ପାଇଁ ସ୍ୱୀକୃତିପ୍ରାପ୍ତ, ଯାହା ନିଜ ନିଜ ଡୋମେନରେ ମାନଦଣ୍ଡ ସ୍ଥିର କରିଛି । ଷ୍ଟାନଫୋର୍ଡ-ଏଲ୍ସେଭିର୍ ର୍‍ୟାଙ୍କିଙ୍ଗ୍  ବୈଜ୍ଞାନିକମାନଙ୍କ କ୍ୟାରିଅର୍ ଉପରେ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କର ଅବଦାନକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ମନୋନୀତ ସ୍କଲାରମାନଙ୍କ ପାଇଁ ଏହି ସ୍ୱୀକୃତି ବିଶେଷ ଉଲ୍ଲେଖନୀୟ ।

*ସୂଚନାଯୋଗ୍ୟ ଯେ ଚାରିଜଣ ଅଧ୍ୟାପକଙ୍କୁ କ୍ୟାରିୟର ବ୍ୟାପୀ ଅନୁସନ୍ଧାନ ବର୍ଗରେ ସ୍ଥାନିତ କରାଯାଇଛି। ଶକ୍ତି କ୍ଷେତ୍ରରେ ତାଙ୍କର ଗବେଷଣା ପାଇଁ ପ୍ରଫେସର ଶୁଭ୍ରାଂଶୁ ରଂଜନ ସାମନ୍ତରାୟଙ୍କୁ ମାନ୍ୟତା ଲାଭ କରିଛନ୍ତି; ଅପ୍ଟିକ୍ସ କ୍ଷେତ୍ରରେ କାର୍ଯ୍ୟ ପାଇଁ*

*ପ୍ରଫେସର ରାଜନ ଝା; ଅଣଜୈବିକ ଏବଂ ଆଣବିକ ରସାୟନ ବିଜ୍ଞାନରେ ଅନୁସନ୍ଧାନ ପାଇଁ ପ୍ରଫେସର ଭି.ଆର. ପେଡ଼ିରେଡ୍ଡି ଏବଂ ବିଲଡିଂ ଆଣ୍ଡ କନଷ୍ଟ୍ରକସନ ଇଞ୍ଜିନିୟରିଂ କ୍ଷେତ୍ରରେ କାର୍ଯ୍ୟ ପାଇଁ ପ୍ରଫେସର ପି. ଦିନାକର ଏହି ସମ୍ମାନ ହାସଲ କରିଛନ୍ତି।*

ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଦଳ ଏବଂ ଏଲ୍ସେଭିର-ବି.ଭି. ଦ୍ୱାରା ବିଷୟଭିତ୍ତିକ ବୀବଲିଓମେଟ୍ରିକ ବିଶ୍ଳେଷଣ କରାଯାଇଥିଲା। ଷ୍ଟାଣ୍ଡାର୍ଡ ସାଇନ୍ସ-ମେଟ୍ରିକ୍ସ ବର୍ଗୀକରଣ ଅନୁଯାୟୀ ବୈଜ୍ଞାନିକମାନଙ୍କୁ ୨୨ ଟି ବୈଜ୍ଞାନିକ କ୍ଷେତ୍ର ଏବଂ ୧୭୪ ଟି ଉପ-ବିଭାଗରେ ବିଭକ୍ତ କରାଯାଇଛି ।

ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ଅଧ୍ୟାପିକାଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ଆଇଆଇଟି ଭୁବନେଶ୍ୱରରେ ଚାଲିଥିବା ଉଚ୍ଚ-ସ୍ତରୀୟ ଗବେଷଣାର ଏକ ନିଦର୍ଶନ। ଆମର ଅଧ୍ୟାପିକମାନେ ଜ୍ଞାନ ଏବଂ ନବସୃଜନର ସୀମାକୁ ଆଗକୁ ବଢ଼ାଇ ଚାଲିଛନ୍ତି, ଏବଂ ଏହି ମର୍ଯ୍ୟାଦାପୂର୍ଣ୍ଣ ତାଲିକାରେ ସେମାନଙ୍କର ଅନ୍ତର୍ଭୁକ୍ତ ହେବା ଗବେଷଣା ଏବଂ ବିକାଶରେ ଉତ୍କର୍ଷତା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ବୈଜ୍ଞାନିକ ଗବେଷଣାକୁ ଆଗକୁ ବଢ଼ାବାକୁ ଏବଂ ଆମର ଅଧ୍ୟାପିକବୃନ୍ଦଙ୍କୁ ସମର୍ଥନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ, ଯେହେତୁ ସେମାନେ ସେମାନଙ୍କର କାର୍ଯ୍ୟ ମାଧ୍ୟମରେ ବାସ୍ତବ ଦୁନିଆର ସମସ୍ୟାର ସମାଧାନ କରିବାରେ ସହଯୋଗ କରନ୍ତି। "

ଷ୍ଟାନଫୋର୍ଡ-ଏଲ୍ସେଭିର ଗ୍ଲୋବାଲ ର୍ୟାଙ୍କିଂ ଏକାଡେମିକ୍ ଏବଂ ଗବେଷଣା ସମ୍ପ୍ରଦାୟର ଏକ ସମ୍ମାନଜନକ ମାନ୍ୟତା ଅଟେ, ଯାହା ଏକାଧିକ ବିଭାଗରେ ଅନୁସନ୍ଧାନକାରୀଙ୍କୁ ଚିହ୍ନଟ କରେ ଯେଉଁମାନେ ବୈଜ୍ଞାନିକ ପ୍ରଗତି ଏବଂ ନୂତନତ୍ୱକୁ ବିଶ୍ୱବ୍ୟାପୀ ଚଳାଉଛନ୍ତି। | ଏହି ସ୍ୱୀକୃତି କେବଳ ବ୍ୟକ୍ତିଗତ ସଫଳତାକୁ ଆଲୋକିତ କରେ ନାହିଁ ବରଂ ବିଶ୍ୱ ଗବେଷଣା ଏବଂ ବିକାଶରେ ଭାରତର କ୍ରମବର୍ଦ୍ଧିଷ୍ଣୁ ଭୂମିକାକୁ ଆହୁରି ସୁଦୃଢ଼ କରିଥାଏ ।

----------------